ସମାଜ
The Samaja

# ଓଡ଼ିଶା ରାଜ୍ୟ ଅର୍ଥ ନିଗମର ନୂତନ ନିର୍ଦ୍ଦେଶକଙ୍କ ଦାୟିତ୍ୱ ଗ୍ରହଣ

କଟକସଦର, (ନି.ପ୍ର.)-ଓଡ଼ିଶା ରାଜ୍ୟ ଅର୍ଥ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବିଜୟକୁମାର ବୋଷ ଆଜିଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ଶ୍ରୀ ବୋଷ ଏହା ପୂର୍ବରୁ ଭାରତୀୟ କ୍ଷୁଦ୍ର ଶିଳ୍ପ ଉନ୍ନୟନ ନିଗମର ମୁଖ୍ୟ ସାଧାରଣ ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ । ସେ ଜଣେ ନିଷ୍ଠାପର ଓ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତିଭାବେ ଜଣାଶୁଣା । ସେ ମଧ୍ୟ ପୂର୍ବରୁ ରାଜ୍ୟ ଅର୍ଥ ନିଗମର ନିର୍ଦ୍ଦେଶକ ଭାବେ ପରିଚାଳନା ବୋର୍ଡରେ କାର୍ଯ୍ୟ କରିଛନ୍ତି ।